# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାଉଦ ଛୋଟ ମେଷପାଳକ

ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଉପଯୋଜକ: Ruth Klassen
Alastair Paterson
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ବହୁବର୍ଷ ପୂର୍ବେ, ଇସ୍ରାଏଲର ରାଜା ଶାଉଲଙ୍କ ସମୟରେ, ଏକ ବାଳକ ଯାହାର ନାମ ଦାଉଦ ଥିଲା ଯେ ନିଜର ସାତ ଭାଇମାନଙ୍କୁ ପିତାଙ୍କ ମେଷ ଚ଼ରାଇବାରେ ସାହାଯ୍ୟ କଲା । ଯଦ୍ୟପି ସେ କନିଷ୍ଠ ଥିଲେ, ଦାଉଦ ମଜଭୁତ୍ ଥିଲେ, ନିର୍ଭୟ ଯେ ସଦାପ୍ରଭୁଙ୍କୁ ଭୟ ଓ ଭରଷା କରୁଥିଲେ । ସେ ବେଥଲିହିମ ନଗରରେ ବାସ କରୁଥିଲେ ।



ଏକ ସମୟରେ ଏକ ଯୁବାସିଂହ ତାଙ୍କର ମେଷମାନଙ୍କୁ ଆକ୍ରମଣ କରି ଛୋଟ ମେଷକୁ ଖାଦ୍ୟ ନିମନ୍ତେ ନେଇଗଲା । ଯୁବକ ଦାଉଦ ଆକ୍ରମଣକାରିକୁ ଆକ୍ରମଣ କଲେ । ତାହା ପାଟିରୁ ସେହି ଛୋଟିଆ ମେଷକୁ ଛଡ଼ାଇ ନେଲେ, ସେ ମାଡ଼ିଆସୁଥିବା ସିଂହର ଦାଢ଼ିରେ ଧରି ତାହକୁ ବଧକଲେ । ଦାଉଦ ଜାଣିଥିଲେ ସଦାପ୍ରଭୁ ତାଙ୍କୁ ସାହାଯ୍ୟ କଲେ ।



ଶାମୁୟେଲ୍, ସଦାପ୍ରଭୁଙ୍କର ଜଣେ ଭବିଷ୍ୟଦବକ୍ତା, ଏବେମଧ୍ୟ ଦୁଃଖିତ କାରଣ ରାଜା ଶାଉଲ ସଦାପ୍ରଭୁଙ୍କୁ ଅତି ଖରାପ ଭାବରେ ବିଫଳ କଲେ । ତୁମ୍ଭେ କେତେକାଳ ଶାଉଲଙ୍କ ନିମନ୍ତେ ଶୋକ କରିବ, ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ । ଆମ୍ଭେ ତୁମ୍ଭକୁ ଯିଶିଙ୍କ ନିକଟକୁ ପ୍ରେରଣ କରିଅଛୁ କାରଣ ଆମ୍ଭେ ଆମ୍ଭ ନିମନ୍ତେ ଏକ ରଜା ନିର୍ଣ୍ଣୟ କରିଅଛୁ । ଯିଶି ଦାଉଦଙ୍କର ପିତା ଥିଲେ ।



ଯଦିବା ଶାମୁୟେଲ୍ ଜ୍ଞାତ ଥିଲେ ଯେ

ଏନ୍ୟ ଏକ ରଜା ଚ଼୍ୟନ କରିବା

ହେତୁରୁ ରାଜା ଶାଉଲ ଦାଉଦଙ୍କୁ

ବଧ କରିପାରନ୍ତି, ଭବିଷ୍ୟଦବକ୍ତା

ସଦାପ୍ରଭୁଙ୍କର ବାଧ୍ୟ ହେଲେ ।





ଯେତେବେଳେ ଶାମୁୟେଲ୍ ପହଞ୍ଚିଲେ, ଯିଶି ନିଜର ସାତ ପୁତ୍ରଙ୍କୁ ଶାମୁୟେଲଙ୍କ ସମ୍ମୁଖରେ ଗମନ କରାଇଲେ । ଏବଂ ଶାମୁୟେଲ୍ ଯିଶିଙ୍କୁ କହିଲେ, ସଦାପ୍ରଭୁ ଏମାନଙ୍କ ମଧ୍ୟରୁ କାହାରିକି ମନୋନିତ କରିନାହାନ୍ତି । କେବଳ ଜଣେ ବାକି ରହିଲା, ସେ ସବୁଠାରୁ ସାନ ଅଟଇ । ସେ ମେଷମାନଙ୍କ ସହିତ ବାହାରେ ଥିଲେ । ସେମାନେ ଦାଉଦଙ୍କୁ ଭିତରକୁ ଆଣିଲେ । ସଦାପ୍ରଭୁ କହିଲେ, ଉଠ ଏହାକୁ ଅଭିଷେକ କର କାରଣ ଏ ସେହି ଅଟେ ।

ଶାଉଲଙ୍କ ରାଜମହଲରେ, ସଦାପ୍ରଭୁଙ୍କ ଆତ୍ମା ଶାଉଲଙ୍କଠାରୁ ପ୍ରସ୍ଥାନ କଲା ଏବଂ ସେ ଅତ୍ୟଧିକ ବିରକ୍ତ ହୋଇଗଲେ । ତାଙ୍କର ଦାସମାନେ ଚିନ୍ତାକଲେ ହୋଇପାରେ ଉତ୍ତମ ସଂଙ୍ଗିତ ଶାଉଲଙ୍କୁ ଠିକ୍ କରିଦେଇପାରେ । ସେମାନଙ୍କ ମଧ୍ୟରୁ ଜଣେ ଏକ ଉତ୍ତମ ବିଣା ବାଦକ ବିଷୟରେ ଜାଣିଥିଲେ । ତୁମେ ଅନୁମାନ କରିପାର କି ସେହ ଯୁବକ କିଏ ଥିଲା?

ହଁ, ଦାଉଦ ।



ଦାଉଦଙ୍କର ସଂଙ୍ଗିତ ଶାଉଲଙ୍କ ମନରେ ଶାନ୍ତନା ଦେଲା ଓ ସଲଖ ଚ଼ିନ୍ତା କରିବାକୁ ସାହାଯ୍ୟ କଲା । ରାଜପ୍ରାସାଦରେ ଦାଉଦ ରାଜାଙ୍କ ସେବାକାର୍ଯ୍ୟକରୁ ବୋଲି ଶାଉଲ ଯିଶିଙ୍କୁ କହିଲେ । ଯେତେବେଳେ ଶାଉଲ ମନ୍ଦଆତ୍ମାଦ୍ୱାରା ଆକ୍ରାନ୍ତରେ ଅବସାଦ ହେଉଥିଲେ, ଭୟକରୁଥିଲେ, ଦାଉଦ ତାଙ୍କ ନିମନ୍ତେ ବିଣା ବଜାଇଲେ । ଏହା ତାଙ୍କୁ ସାହାଯ୍ୟ କଲା ।



ଯେତେବେଳେ ଜାଉଦ ନିଜ ଗୃହକୁ ଗଲେ, ଶାଉଲ ପଲେଷ୍ଟିୟମାନଙ୍କ ସହିତ ମହାସସମର କଲେ । ଦାଉଦଙ୍କ ଭାଇମାନେ ଶାଉଲଙ୍କ ସୌନ୍ୟଦଳରେ ଥିଲେ । ଯିଶୀ ନିଜ ପୁତ୍ରମାନଙ୍କ କୁଶଳ ମଙ୍ଗଳ ଜ୍ଞାତ କରିବା ନିମିତ୍ତ ନିଜ ପୁତ୍ର ଦାଉଦଙ୍କୁ ସେମାନଙ୍କ ନିଟକୁ ପ୍ରେରଣ କଲେ ।



ଏକ ବିରାଟ ମଲ୍ଲଯୋଦ୍ଧା ପଲେଷ୍ଟିୟମାନଙ୍କର ଏକ ସୌନ୍ୟ ଥିଲା, ତାହାର ନାମ ଗଲିୟାତ, ସେ ଇସ୍ରାଏଲୀୟ ସୌନ୍ୟଦଳକୁ ଭୟଭିତ କରି ରଖିଥିଲେ ।



ତୁମ୍ଭେମାନେ ଆପଣାପାଇଁ ଜଣେ ଲୋକ ମନୋନୀତ କର, ସେ ମୋ କତିକି ଓହ୍ଲାଇ ଆସୁ, ଗଲିୟାତ କହିଲେ । ଯଦି ସେ ମୋ ସଂଙ୍ଗେ ଯୁଦ୍ଧ କରି ପାରିବ ଓ ମୋତେ ବଧ କରିବ ତେବେ ଆମ୍ଭେମାନେ ତୁମ୍ଭମାନଙ୍କର ସେବକ ହେବା । ମାତ୍ର ଯଦି ମୁଁ ତାହାଙ୍କୁ ବଧ କରିବି, ତେବେ ତୁମ୍ଭେମାନେ ଆମ୍ଭମାନଙ୍କର ଦାସ ହେବ ଓ ଆମ୍ଭମାନଙ୍କର ଦାସ୍ୟକର୍ମ କରିବ । ସମସ୍ତ ଇସ୍ରାଏଲୀୟ ଲୋକ ଯେତେବେଳେ ସେହି ଭୟଙ୍କର ଲୋକଙ୍କୁ ଦେଖିଲେ, ସେମାନେ ହତାଶ ହେଲେ ଓ ସେହି ସ୍ଥାନରୁ ପଳାୟନ କଲେ ।



ତେଣୁ ଦାଉଦ ଶାଉଲଙ୍କୁ କହିଲେ, ତାହା ସକାଶୁଁ କାହାର ହୃଦୟ ନିରାଶ ନ ହେଉ ଆପଣଙ୍କ ଦାସ ଯାଇ ସେହି ପଲେଷ୍ଟିୟ ସହିତ ଯୁଦ୍ଧ କରିବ । ଶଉଲ ଚାହିଁଲେ ଦାଉଦ ଯେପରି ଯୁଦ୍ଧବସ୍ତ୍ର ପରିଧାନ କରିବେ ଓ ଖଡ୍ଗ ଆପଣା ବସ୍ତ୍ରରେ ବାନ୍ଧି ଯୁଦ୍ଧକ୍ଷେତ୍ରକୁ ଯିବେ । ତାହା ପରିବର୍ତ୍ତେ ଦାଉଦ କେବଳ ତାହାର ଯଷ୍ଠି ଓ ଛାଟିଣି ଓ ନଦୀରୁ ପାଞ୍ଚଟି ଚିକ୍କଣ ପଥର ବାଛିନେଇ ଆପଣା ଝୁଲିରେ ରଖିଲେ ।



ଗଲିୟାତ ତାଙ୍କୁ ଦେଖି ହସିପକାଇଲେ କାରଣ ଦାଉଦ ଯୁବକ ସେ ଯୁଦ୍ଧଶଯ୍ୟା ମଧ୍ୟ ପରିଧାନ କରିନଥିଲେ । ମୁଁ ତୁମ୍ଭର ମାଂଶ ଆକାଶର ପକ୍ଷୀ ଓ ପ୍ରାନ୍ତରର ପଶୁମାନଙ୍କୁ ଦେବି, ଗଲିୟାତ କହିଲେ । ମୁଁ ତୁମ୍ଭ ନିକଟକୁ ସଦାପ୍ରଭୁଙ୍କ ନାମରେ ଆସିଅଛି, ଦାଉଦ ଉତ୍ତର ଦେଲେ । ଆଜି ସଦାପ୍ରଭୁ ତୁମ୍ଭକୁ ମୋ ହସ୍ତରେ ସମର୍ପଣ କରିବେ । କାରଣ ଏହି ଯୁଦ୍ଧ ସଦାପ୍ରଭୁଙ୍କର ଅଟେ ।





ତାହପରେ ଦାଉଦ ଧାଇଁଯାଇ ଗଲିୟାତ ଆଡ଼କୁ ଆଗ୍ରସର ହେଲେ । ସେ ଦୌଡ଼ିବା ସମୟରେ, ଗୋଟିଏ ପଥର ନିଜ ଛାଟିଣିରେ ରଖି ଗଲିୟାତଙ୍କୁ ଆଘାତ କଲେ । ସେହି ପଥର ଯାଇ ଗଲିୟାତର କପାଳରେ ବାଜିଲା । ଗଲିୟାତ ଟଳିପଡ଼ିଲେ ।

ଦାଉଦ ଶିଘ୍ର ଦୌଡ଼ିଯାଇ ତାହାର ଖଡ୍ଗ ନେଇ ତାହାର ମସ୍ତକ ଛେଦନ କଲେ । ଯେତେବେଳେ ପଲେଷ୍ଟିୟମାନେ ଦେଖିଲେ ଗଲିୟାତ ମରିଗଲେ, ସେମାନେ ନିଜ ଜୀବନ ବଞ୍ଚାଇବାକୁ ସେଠାରୁ ଦୌଡ଼ି ପଳାଇଗଲେ ।



ରାଜା ଶାଉଲ ଭୁଲିଯାଇଥିଲେ ଏ ସେହି ଦାଉଦ ଯେ ତାଙ୍କୁ ବିଣାର ସଂଙ୍ଗିତଦ୍ୱାରା ତାହଙ୍କୁ ଶାନ୍ତ କରିଥିଲେ । ସେ ଦାଉଦଙ୍କୁ ଯୋଦ୍ଧାମାନଙ୍କ ଉପରେ ନିଯୁକ୍ତ କଲେ । ମାତ୍ର ପରେ ସେ ଦାଉଦଙ୍କ ଉପରେ ଇର୍ଷା କଲେ, ଯେତେବେଳେ ଲୋକମାନେ ତାଙ୍କର ବିଜୟ ନିମନ୍ତେ ଦାଉଦଙ୍କୁ ସମାଦର କଲେ । ବର୍ତ୍ତମାନ୍ ତାହାପାଖରେ କଅଣ ଅଛି କେବଳ ଦେଶ, ଶାଉଲ ଭାବିଲେ । ତେଣୁ ଶାଉଲ ସେହି ଦିନଠାରୁ ଦାଉଦଙ୍କ ଉପରେ ଆଖି ପକାଇଲେ ।





ପୁନର୍ବାର ଶାଉଲଙ୍କୁ ମନ୍ଦଆତ୍ମା ଆକ୍ରାନ୍ତ କରିଲା । ଆଉ ଦାଉଦ ପ୍ରତିଦିନ ପରି ହସ୍ତରେ ବାଦ୍ୟ ବଜାଇଲେ । ପ୍ରାୟ ତିନିଥର ଶାଉଲ ନିଜର ବର୍ଛା ଦାଉଦଙ୍କ ଉପରକୁ ଫିଙ୍ଗିଲେ, ମାତ୍ର ଦାଉଦ ତାଙ୍କ ନିକଟରୁ ଘୁଞ୍ଚିଗଲେ । ଶଉଲ ଦାଉଦଙ୍କୁ ଭୟ କରୁଥିଲେ, କାରଣ ସେ ଜାଣିଥଲେ ସଦାପ୍ରଭୁ ତାଙ୍କ ସହିତ ଥିଲେ ।



ମାତ୍ର ଶାଉଲଙ୍କୁ ପରିତ୍ୟାଗ କରିଥିଲେ ।



କିନ୍ତୁ ଯୋନାଥନ, ଶାଉଲଙ୍କର ପୁତ୍ର, ଦାଉଦଙ୍କୁ ନିଜର ଭାଇ ସମ ପ୍ରେମ କଲେ । ସେ ଦାଉଦଙ୍କୁ ସାବଧାନ କରି କହିଲେ, ମୋହର ପିତା ଶାଉଲ ତୁମ୍ଭକୁ ବଧ କରିବାକୁ ପ୍ରୟାସ କରୁଛନ୍ତି । ତେଣୁ ଦାଉଦ ସେଠାରୁ ଖସି ପଳାଇଗଲେ । ତାଙ୍କ ସ୍ତ୍ରୀ ତାଙ୍କ ସ୍ଥାନରେ ଏକ ମୂର୍ତ୍ତିନେଇ ଶଯ୍ୟାରେ ଶୁଆଇଲା, ସେ ମଧ୍ୟରାତ୍ରରେ ଦାଉଦଙ୍କୁ ଝରକାରୁ ତଳକୁ ଓହ୍ଲାଇଦେଲା । ଯେତେବେଳେ ତାଙ୍କ ଦୂତମାନେ ସକାଳେ ଦାଉଦଙ୍କୁ ଧରି ନେବପାଇଁ ଆସିଲେ । ମାତ୍ର ଦାଉଦ ପଳାଇଯାଇଥିଲେ ।



ଦାଉଦଙ୍କୁ ଶାଉଲଙ୍କ ସମ୍ମୁଖରୁ ଦୂରକୁ ପଳାଇଯିବାକୁ ପଡ଼ିଲା । ତାହା ପୂର୍ବରୁ, ଦାଉଦ ଓ ଯୋନାଥନ୍ ଦୁହେଁ ଏକ ପ୍ରତିଜ୍ଞା କଲେ । ସେମାନେ ସର୍ବଦା ପରସ୍ପରକୁ ସାହାଯ୍ୟ କରିବାକୁ ଶପଥ କଲେ । ଦୁଃଖର ସହିତ, ଦୁଇବନ୍ଧୁ ଅଲଗା ହୋଇଗଲେ । ଦାଉଦ ନିଜପାଇଁ ଏକ ସ୍ଥାନ ଖୋଜିବାକୁ ଗଲେ ଯେଉଁଠାରେ ଶାଉଲଙ୍କ ସୈନ୍ୟମାନେ ତାଙ୍କୁ ଖୋଜି ପାଇବାର ଭୟ ନଥିବ ।



ଦାଉଦ ଛୋଟ ମେଷପାଳକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରଥମ ଶାମୁୟେଲ୍ ୧୬-୨୦

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬